## ସଂକ୍ଷେପରେ

### ଚୋରି ମୋବାଇଲ ଉଦ୍ଧାର, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧୭।୭:** କ୍ରିଷ୍ଣା ଲଜରୁ ମୋବାଇଲ ଫୋନ ଚୋରି କରିଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଦିଗପହଣ୍ଡି ଗୋକର୍ଣ୍ଣପୁରର ବିପିନ ମହାନ୍ତି ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଚୋରି ମୋବାଇଲ ଜବତ କରାଯାଇଛି। ଏ ନେଇ ନଂ. ୧୮୯/୨୨ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତ ବିପିନଙ୍କୁ ଧରାଯାଇଥିବା ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। କ୍ରିଷ୍ଣା ଲଜର ସୁପରଭାଇଜର ଦେବାଶିଷ ସାହୁ ନିଜ କାର୍ଯ୍ୟାଳୟରେ ବସିଥିବା ବେଳେ ଅଭିଯୁକ୍ତ ବିପିନ ତାଙ୍କ ବୋମାଇଲ ଚୋରି କରି ନେଇଯାଇଥିଲେ। ଏ ନେଇ ବିପିନ ଥାନାରେ ଅଭିଯୋଗ କରିଥିଲେ। ସିସି ଟିଭି ଫୁଟେଜ ଚେକ୍ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା କହିଛି।

### ୨୯ ନଂ. ୱାର୍ଡରେ ନୂତନ ରାସ୍ତା, ଡ୍ରେନ୍ ପାଇଁ ଭୂମି ପୂଜନ



**ବ୍ରହ୍ମପୁର ଅଫିସ,୧୭।୭:** ବ୍ରହ୍ମପୁର ମହାନଗର ନିଗମ ୨୯ ନଂ. ୱାର୍ଡ ଅନ୍ତର୍ଗତ ହିଲପାଟଣା ଗଣେଶ ମନ୍ଦିର ମୁଖ୍ୟ ରାସ୍ତା ଓ ଅନନ୍ତ ନଗର ଡ୍ରେନ୍ ନିର୍ମାଣ ନିମନ୍ତେ ରବିବାର ଭୂମି ପୂଜନ ହୋଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ବିଏମ୍‌ସି କମିଶନର ଜେ.ସୋନାଲ ଓ କର୍ପୋରେଟର ସଞ୍ଜିତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ଗଣେଶ ମନ୍ଦିର ମୁଖ୍ୟ ରାସ୍ତା ଓ ଅନନ୍ତ ନଗର ଡ୍ରେନ୍ ନିର୍ମାଣ ହେବ ବୋଲି କର୍ପୋରେଟର କହିଛନ୍ତି।

ସୂଚନାଯୋଗ୍ୟ, ବର୍ଷା ଦିନରେ ହିଲପାଟଣା ଗଣେଶ ମନ୍ଦିର ମୁଖ୍ୟ ରାସ୍ତା ନର୍ଦ୍ଦମା ପାଣିରେ ପରିପୂର୍ଣ୍ଣ ହୋଇଥାଏ। ଯାହାଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ଯାହାକୁ ନେଇ ବହୁବାର ବିଏମ୍‌ସି ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ ମଧ କରାଯାଇଥିଲା। ବର୍ତ୍ତମାନ ରାସ୍ତା ଓ ଡ୍ରେନ୍ ମରାମତି ପରେ ସ୍ଥିତିରେ ସୁଧାର ଆସିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏଥିସହ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ପଦକ୍ଷେପ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହଯୋଗରୁ ଏହା ହୋଇପାରି ଥିବାରୁ ସ୍ଥାନୀୟ ବାସିନ୍ଦା ସାଧୁବାଦ ଜଣାଇଛନ୍ତି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ଚାରାରୋପଣ

**ବ୍ରହ୍ମପୁର ଅଫିସ,୧୭।୭:** ଗ୍ରୀନ କ୍ୟାମ୍ପସ୍ ଅଭିଯାନ ଅନ୍ତର୍ଗତ ଜାତୀୟ ସେବା ଯୋଜନା ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଚାରାରୋପଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇ ଚାରାରୋପଣ କରିଥିଲେ। କ୍ୟାମ୍ପସ୍, ହଷ୍ଟେଲ ଓ ବିଭିନ୍ନ ବିଭାଗ ସମ୍ମୁଖରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ମିଳିତ ଭାବେ ଚାରାରୋପଣ କରିଥିଲେ।

ରୋପଣ କରାଯାଇଥିବା ଚାରାକୁ ବିଶ୍ୱବିଦ୍ୟାଳୟ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ପୋଷ୍ୟଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ବ୍ୟୁରୋ ସଂଯୋଜକ ଡକ୍ଟର ଜୟନ୍ତ କୁମାର ପଣ୍ଡା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ. ଇକ୍‌ବାଲ ଅହମ୍ମଦ ଭଟ୍ଟ, ପ୍ରଫେସର ଡ. ଭରତ କୁମାର ଲାକ୍ରା ଓ ପ୍ରଫେସର ଅଲିତା ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ। ବନ ମହୋତ୍ସବ ସପ୍ତାହ ଶେଷ ହୋଇଥିଲେ ସୁଦ୍ଧା ବିଶ୍ୱବିଦ୍ୟାଳୟକୁ ସବୁଜ କ୍ୟାମ୍ପସରେ ପରିଣତ କରିବା ଲକ୍ଷ୍ୟରେ ଜାତୀୟ ସେବା ଯୋଜନା ନିରନ୍ତର ଚେଷ୍ଟା ଜାରି ରହିବ ବୋଲି ଏନଏସ୍‌ଏସ୍ ସଂଯୋଜକ ଡ.ପଣ୍ଡା କହିଥିଲେ।

# ଟିକିଟିରୁ ବୋହୂ, ଶ୍ୱଶୁର ୮ ଥର ବିଧାୟକ

ବ୍ରହ୍ମପୁର ଅଫିସ,୧୭।୭



ଟିକିଟି ରାଜବାଟି।

■ଶ୍ୱଶୁର କଂଗ୍ରେସ, ଅଣକଂଗ୍ରେସ ନିର୍ବାଚିତ ବୋହୂ
■ରାଜ ପରିବାର ରାଜନୀତି

ଗଞ୍ଜାମ ଜିଲା ଟିକିଟି ବିଧାନସଭା କ୍ଷେତ୍ରରେ ୧୯୬୭ରୁ ୨୦୧୯ ମଧ୍ୟରେ ୧୩ ସାଧାରଣ ନିର୍ବାଚନ ହୋଇଛି। ସେଥିରୁ ସେଠାର ରାଜ ପରିବାରର ବୋହୂ ଓ ଶ୍ୱଶୁର ୮ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ବୋହୂ ଉଷା ଦେବୀ ୧୯୮୫ ରୁ ୨୦୧୯ ସମୁଦାୟ ୮ ଥର ନିର୍ବାଚନ ଲଢ଼ି ୬ ଥର ଜିତିଥିବା ବେଳେ ଶ୍ୱଶୁର ସଚ୍ଚିଦାନନ୍ଦ ନାରାୟଣ ଦେବ ୧୯୭୧ ରେ ଓଡ଼ିଶା ଜନ କଂଗ୍ରେସରୁ ଏବଂ ୧୯୭୪ରେ କଂଗ୍ରେସରୁ ବିଧାୟକ ହୋଇଥିଲେ। ସେହିପରି ଉଷା ଦେବୀ ୧୯୯୦ ନିର୍ବାଚନରେ ଜନତା ଦଳରୁ ଥରେ ଏବଂ ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ ଲଗାତର ଭାବେ ବିଜେଡିରୁ ୫ ଥର ନିର୍ବାଚିତ ହେବା ସହ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ ୩ ଥର କ୍ୟାବିନେଟ ପାହ୍ୟା ପାଇଛନ୍ତି।

ତଥ୍ୟାନୁସାରେ ସ୍ୱାଧୀନତା ପରବର୍ତ୍ତୀ ୧୯୫୧-୫୨ରୁ ୧୯୬୧ ପର୍ଯ୍ୟନ୍ତ ଟିକିଟି ଅଞ୍ଚଳ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଥିଲା। ୧୯୬୭ରେ ସ୍ୱତନ୍ତ୍ର ଭାବେ ଟିକିଟି ନିର୍ବାଚନ ମଣ୍ଡଳୀ ଗଠନ ହେଲା। ପ୍ରଥମ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସ୍ୱର୍ଗତ ଦିବାକର ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ୧୯୮୦ରେ ସ୍ୱାଧୀନରୁ ୧୯୮୫ରେ କଂଗ୍ରେସରୁ ଏବଂ ୧୯୯୫ ନିର୍ବାଚନରେ ପୁଣି ସ୍ୱାଧୀନରୁ ପ୍ରତିଦ୍ୱନ୍ଦ୍ୱିତା କରି ଚିନ୍ତାମଣି ଦ୍ୟାନସାମନ୍ତରା ବିଧାୟକ ହେବା ସହ ଉପବାଚସ୍ପତି ଓ ପରେ ବାଚସ୍ପତି ହୋଇଥିଲେ। ଦ୍ୟାନ ସାମନ୍ତରା ୧୯୮୦ ରୁ ୨୦୦୯ ମଧ୍ୟରେ ୭ ଥର ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୩ ଥର ଜିତିଥିଲେ। ୧୯୭୭ ନିର୍ବାଚନରେ ତତ୍କାଳୀନ ଜନତା ପାର୍ଟିରୁ ସ୍ୱର୍ଗତ ଜଗନ୍ନାଥ ପତି ବିଧାୟକ ହୋଇଥିଲେ।

ଉଲ୍ଲେଖଯୋଗ୍ୟ, ରାଜ ପରିବାରର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱି ଥିଲେ ଚିନ୍ତାମଣି। ଥରେ ଟିକିଟି ରାଜା ସଚ୍ଚିଦାନନ୍ଦଙ୍କୁ ଏବଂ ଦୁଇଥର ବର୍ତ୍ତମାନର ରାଣୀ ଉଷା ଦେବୀଙ୍କୁ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ରାଜ ପରିବାର ରାଜନୀତି ରୋଚକ ଥିଲା। ଶ୍ୱଶୁର ଜନ କଂଗ୍ରେସ ଓ କଂଗ୍ରେସରୁ ନିର୍ବାଚିତ ହୋଇଥିବା ବେଳେ ବୋହୂ ୮ ଥର ଅଣ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ନିର୍ବାଚନ ମଣ୍ଡଳୀର ଟିକିଟି ବ୍ଲକ ଏବଂ ସେଠାର ଏନ୍‌ଏସିରେ ରାଜ ପରିବାରର ପ୍ରଭାବ ଥିବା ବେଳେ ପାତ୍ରପୁର ବ୍ଲକ ଅଞ୍ଚଳରେ ଦ୍ୟାନ ସାମନ୍ତରାଙ୍କ ପରିବାର ପ୍ରଭାବ ବିସ୍ତାର କରୁଥିଲେ। ତେବେ ବିଜେଡି ଦୁଇ ଦଶନ୍ଧି ହେବ ରାଜନୈତିକ ପ୍ରଭାବ ବିସ୍ତାର କରିଛି। ଚଳିତ ବର୍ଷର ପଞ୍ଚାୟତ ନିର୍ବାଚନରେ ସେଠାର ରାଜନୀତିରେ ସାମାନ୍ୟ ଓଲଟ ପାଲଟ ଘଟିଲା। ପାତ୍ରପୁର ବ୍ଲକ ଶାସନ ବିଜେଡିର ହାତଛଡ଼ା ହୋଇଛି ଏବଂ ଭାଜପା ଦଖଲକୁ ଯାଇଛି। ପାତ୍ରପୁର ବ୍ଲକ ପୁନର୍ବାର ନିଜ କବ୍‌ଜାକୁ ଆଣିବା ପାଇଁ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ରଣନୀତି ପ୍ରସ୍ତୁତ କରିଛି ବିଜେଡି। ନବୀନ ସରକାରଙ୍କ ୫ମ ପାଳିର ୩ ବର୍ଷ ପରେ ଉଷାଙ୍କୁ ପୁନର୍ବାର ମନ୍ତ୍ରୀ କରାଯାଇଥିବାରୁ ଚର୍ଚ୍ଚା ହେଉଛି।

## ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୧୭।୭

ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କୁ ଦାଦାବଟି ମାଗିବା ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ବିକାଶ ବେହେରା (୧୯)। ମାମଲା ନମ୍ବର ୩୦୧/୨୨ରେ ରବିବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୂର୍ବରୁ ଏହି ମାମଲାରେ ପୋଲିସ ଲୋଚାପଡ଼ା ରାମକୃଷ୍ଣ ନଗରର ତାରିଣୀ ଦାସ(୨୪) ଓ ଆଙ୍କୁଲି ନିଗମ ନଗରର ରୁଦ୍ର ପ୍ରସାଦ ମହାନ୍ତି(୧୯)ଙ୍କୁ ଗତ ୧୪ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ପ୍ରକାଶ ଯେ, ଲୋଚାପଡ଼ାରେ ପି.ପର୍ଶୁରାମ ପାତ୍ର ଆଳୁ ଓ ପିଆଜ ବ୍ୟବସାୟ କରନ୍ତି। ଗତ ୧୦ ତାରିଖ ରାତିରେ ସେ ଦୋକାନରେ ବସିଥିବା ବେଳେ ୪ଜଣ ଯୁବକ ସେଠାରେ ପହଞ୍ଚି ତାଙ୍କୁ ୧୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ପରେ ବ୍ୟବସାୟୀ ଜଣଙ୍କ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ।

# ନାବାଳିକା ଛାତ୍ରୀ ଉଦ୍ଧାର, ବଳାତ୍କାରୀ ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୧୭।୭

ନାବାଳିକା ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଶିକିରି ଗ୍ରାମର ଶ୍ରୀଧର ବରାଡ(୨୨)। ସେହିପରି ପୋଲିସ ଅପହୃତା ନାବାଳିକା ଛାତ୍ରୀଙ୍କୁ ଇନ୍‌ଷ୍ଟାଗ୍ରାମରୁ ସୁରାକ ପାଇ ତାଙ୍କୁ ସୁରଟରୁ ଉଦ୍ଧାର କରିଛି। ଏ ନେଇ କେସ୍ ନଂ. ୧୫୬/୨୨ରେ ଅଭିଯୁକ୍ତ ଶ୍ରୀଧରଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଅନ୍ୟପଟେ ପୀଡ଼ିତା ଓ ବଳାତ୍କାରୀଙ୍କ ଡାକ୍ତରୀ ମାଇନା କରାଯାଇଛି। ପରେ କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୀଡ଼ିତାଙ୍କୁ ତାଙ୍କ ବାପା ମା'ଙ୍କୁ ହସ୍ତାନ୍ତର କରାଯାଇଛି।



ଗିରଫ ଅଭିଯୁକ୍ତ ।

ପ୍ରକାଶ ଯେ, ବଡବଜାର ଅଞ୍ଚଳର ଜଣେ ନାବାଳିକା ଯୁକ୍ତ୨ ଛାତ୍ରୀଙ୍କୁ କେହି ଅପହରଣ କରି ନେଇଥିବା ତାଙ୍କ ପରିବାର ଲୋକେ ଜୁନ୍ ୨୫ରେ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲାକୁ ଗୁରୁତର ସହ ନେଇ ତଦନ୍ତ

**ଇନ୍‌ଷ୍ଟାଗ୍ରାମରୁ ମିଳିଲା ସୁରାକ**

ଆରମ୍ଭ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ଶ୍ରୀଧର ନାବାଳିକାଙ୍କୁ ସୁରଟ ନେଇଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ସେହିକ୍ରମରେ ଥାନାର ଏକ ଟିମ୍ ସୁରଟ ଯାଇ ପୀଡ଼ିତା ଓ ଶ୍ରୀଧରଙ୍କୁ ଏକ ଭଡା ଘରେ ଠାବ କରିଥିଲା। ଶ୍ରୀଧର ନାବାଳିକାଙ୍କୁ ସୁରଟ ନେବା ପରେ ସେଠାକାର ଏକ ମନ୍ଦିରରେ ବିବାହ କରିଥିଲେ। ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ଅଭିଯୁକ୍ତ ତାଙ୍କୁ ବାରମ୍ବାର ବଳାତ୍କାର କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ସେଠାରୁ ପୀଡ଼ିତାଙ୍କୁ ଉଦ୍ଧାର ସହ ଅଭିଯୁକ୍ତଙ୍କୁ କାବୁ କରାଯାଇ ବ୍ରହ୍ମପୁର ଅଣାଯାଇଥିଲା ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

## ଅସରାଏ ବର୍ଷାରେ ପୁଇଁତୋଳା ଗ୍ରାମ ଜଳାର୍ଣ୍ଣବ

ଗଞ୍ଜାମ,୧୭।୭(ଡି.ଏନ.ଏ.)

ଗଞ୍ଜାମ ସହରରେ କମ୍ ବର୍ଷା ଯୋଗୁ ଚିନ୍ତାରେ ଚାଷୀ ରହିଛନ୍ତିନ୍। ବର୍ତ୍ତମାନ ଧାନ ବୁଣା କାର୍ଯ୍ୟ ସରି ତଳି ବାହାରିଲାଣି। କିନ୍ତୁ ଜମିରେ ପାଣି ନ ଥିବାରୁ ଚାଷ ହୋଇ ପାରୁନି। ଅନ୍ୟପଟେ ଶୁକ୍ରବାର ଅସରାଏ ବର୍ଷାରେ ପୁଇଁତୋଳା ଗ୍ରାମ ଜଳାର୍ଣ୍ଣବ ହୋଇଥିବା ଦେଖିବାକୁ ମିଳିଛି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ପାଣି ନିଷ୍କାସନ ହେବାକୁ କୌଣସି ବିକଳ୍ପ ନାହିଁ। ଏକ ସପ୍ତାହ ପର୍ଯ୍ୟନ୍ତ ଉକ୍ତ ପାଣି ଜମିରହି ମଶାମାଛି ବୃଦ୍ଧି ପାଉଛନ୍ତି। ଏଣୁ ଏନ୍‌ଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାଲାଗି ଜନସାଧାରଣ ଦାବି କରିଛନ୍ତି। ପୁଇଁତୋଳା ବାରିକି ସାହି ମୁଖ୍ୟ ରାସ୍ତାରେ ପାଣି ଜମି ରହିଛି।

## ୨୯ ନଂ. ୱାର୍ଡରେ ନୂତନ ରାସ୍ତା, ଡ୍ରେନ୍ ପାଇଁ ଭୂମି ପୂଜନ





ଭୂମି ପୂଜନ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ, ମେୟର, କମିଶନର ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୧୭।୭

ବ୍ରହ୍ମପୁର ମହାନଗର ନିଗମ ୨୯ ନଂ. ୱାର୍ଡ ଅନ୍ତର୍ଗତ ହିଲପାଟଣା ଗଣେଶ ମନ୍ଦିର ମୁଖ୍ୟ ରାସ୍ତା ଓ ଅନନ୍ତ ନଗର ଡ୍ରେନ୍ ନିର୍ମାଣ ନିମନ୍ତେ ରବିବାର ଭୂମି ପୂଜନ ହୋଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ବିଏମ୍‌ସି କମିଶନର ଜେ.ସୋନାଲ ଓ କର୍ପୋରେଟର ସଞ୍ଜିତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ଗଣେଶ ମନ୍ଦିର ମୁଖ୍ୟ ରାସ୍ତା ଓ ଅନନ୍ତ ନଗର ଡ୍ରେନ୍ ନିର୍ମାଣ ହେବ ବୋଲି କର୍ପୋରେଟର କହିଛନ୍ତି।

ସୂଚନାଯୋଗ୍ୟ, ବର୍ଷା ଦିନରେ ହିଲପାଟଣା ଗଣେଶ ମନ୍ଦିର ମୁଖ୍ୟ ରାସ୍ତା ନର୍ଦ୍ଦମା ପାଣିରେ ପରିପୂର୍ଣ୍ଣ ହୋଇଥାଏ। ଯାହାଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ଯାହାକୁ ନେଇ ବହୁବାର ବିଏମ୍‌ସି ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବର୍ତ୍ତମାନ ରାସ୍ତା ଓ ଡ୍ରେନ୍ ମରାମତି ପରେ ସ୍ଥିତିରେ ସୁଧାର ଆସିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏଥିସହ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ପଦକ୍ଷେପ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହଯୋଗରୁ ଏହା ହୋଇପାରି ଥିବାରୁ ସ୍ଥାନୀୟ ବାସିନ୍ଦା ସାଧୁବାଦ ଜଣାଇଛନ୍ତି।

# ପ୍ରାଚୀନ ସାହିତ୍ୟ ସଂସଦର ଉଦ୍‌ଘାଟନୀ ଉତ୍ସବ

ବ୍ରହ୍ମପୁର ଅଫିସ,୧୭।୭

ପ୍ରାଚୀନ ସାହିତ୍ୟ ସଂସଦ ପକ୍ଷରୁ ରବିବାର ଗଞ୍ଜାମ କଳା ପରିଷଦ ସମ୍ମିଳନୀ କକ୍ଷରେ ଏକ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଋଷିକୁଲ୍ୟା ଗବେଷକ ଭେଙ୍କଟ ବିହାରୀ ପ୍ରହରାଜ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ.ସିଦ୍ଧାର୍ଥ ଶଙ୍କର ପାଢୀ ଓ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଇଂଲିଶ ବିଭାଗ ଅଧ୍ୟାପକ ଡ. ଆନନ୍ଦ ସେଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ସଂସଦ ସଭାପତି ଇଂ.ପ୍ରଫୁଲ୍ଲ କୁମାର ତ୍ରିପାଠୀ, ତ୍ରିଧାରା ସାହିତ୍ୟ ସଂସଦ ସମ୍ପାଦକ ଡ.ଲକ୍ଷ୍ମୀ ନାରାୟଣ ଦାଶ ଓ ଆବାହକ ବଂଶୀଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଚୀନ ସାହିତ୍ୟ ସଂସଦ ସମାଜକୁ କିଭଳି ପ୍ରଭାବିତ କରିବ ସେ ସମ୍ପର୍କରେ ଅତିଥିମାନେ କହିଥିଲେ। ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଭାପତି ଡ.ଭଗବାନ ଗୌଡ, ସାମନ୍ତିଆପଲୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ.ଅଶୋକ କୁମାର ପଣ୍ଡାଙ୍କ ସମେତ ହୃଦାନନ୍ଦ ପଟ୍ଟନାୟକ, ଜ୍ୟୋତ୍ସ୍ନାରାଣୀ ଦେବୀ ପ୍ରମୁଖ କବିତା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ମହାପାତ୍ର, ଶୁଭଶ୍ରୀ ପଟ୍ଟନାୟକ, ଗୋପୀନାଥ ସେନାପତି, ବିଜୟ ଚନ୍ଦ୍ର ମିଶ୍ର, କୁନା ସେଠୀ, ପ୍ରମୋଦ କୁମାର ପଣ୍ଡା, ଚନ୍ଦ୍ରଶେଖର ମହାପାତ୍ର, ବନ୍ଦନା ପଣ୍ଡା ଓ ବନ୍ଦନା ମହାପାତ୍ର ପ୍ରମୁଖ କବିତା ସ୍ୱରଚିତ ପାଠ କରିଥିଲେ।





ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

# ସ୍ୱଳ୍ପ ସଞ୍ଚୟ ଶିବିର ଅନୁଷ୍ଠିତ

ବ୍ରହ୍ମପୁର ଅଫିସ,୧୭।୭

ବ୍ରହ୍ମପୁର ସ୍ୱଳ୍ପ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ସ୍ୱଳ୍ପ ସଞ୍ଚୟ ଶିବିର ଶନିବାର ଆମ୍ବପୁଆ ଡାକଘରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀ ହରିଚରଣ ମିଶ୍ର ସଭାପତିତ୍ୱ କରିଥିଲେ। ସେ ପୋଷ୍ଟାଲର ସମସ୍ତ ଏଜେଣ୍ଟଙ୍କୁ ସଚ୍ଚୋଟତାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ସୁକନ୍ୟା ସମୃଦ୍ଧି ଯୋଜନା, ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ ଓ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଇବା ପାଇଁ ପରାମର୍ଶ ଦେଇଥିଲେ। ପୋଷ୍ଟାଲ ଏଜେଣ୍ଟମାନେ ଆସଲାସ ଫାଇଭ କାର୍ଡ ଓ ଚେକ ବୁକ ନିୟମିତ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋଷ୍ଟ ମାଷ୍ଟର ସ୍ମିତା ରାଣୀ ସୁଆର ଓ ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତ କରଣ ଅଧିକାରୀ ସୁମନା ପଣ୍ଡା ଉପସ୍ଥିତ ଥିଲେ।

# ସାପକୁ ସୁରକ୍ଷା ଦେବା, ଅନ୍ଧବିଶ୍ୱାସକୁ ଦୂର କରିବା



ବ୍ରହ୍ମପୁର ଅଫିସ,୧୭।୭

ଆସିକା ରୋଡ୍‌ସ୍ଥିତ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ରହ୍ମପୁର ସ୍ନେକ ହେଲ୍ପଲାଇନ ପକ୍ଷରୁ ଶନିବାର ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବନ ସଂରକ୍ଷକ ଡ. ରୁଦ୍ର ପ୍ରସାଦ ରଥ, ସମ୍ମାନିତ ଅତିଥି ବ୍ରହ୍ମପୁର ରେଞ୍ଜର ରଜତ କୁମାର ମିଶ୍ର ଓ ପରିବେଶବିତ୍ ଚନ୍ଦନ ଜାନୀ ଯୋଗଦେଇଥିଲେ। ସାପ ବିଷୟରେ ଜନସାଧାରଣଙ୍କ ମନରେ ଥିବା ଭ୍ରାନ୍ତ ଧାରଣାକୁ କିପରି ଦୂର କରାଯାଇପାରିବ, ଏଥିସହ ଜନସାଧାରଣଙ୍କ ନିକଟରେ ସାପ କାମୁଡ଼ାକୁ ନେଇ ସଚେତନତା ବାର୍ତ୍ତା କିଭଳି ପହଞ୍ଚିପାରିବ ସେନେଇ ଅତିଥିମାନେ ମତ ଦେଇଥିଲେ। ଲୋକଙ୍କ ମଧ୍ୟରେ ସାପକୁ ନେଇ ରହିଥିବା ଅନ୍ଧବିଶ୍ୱାସକୁ ଦୂର କରିବା ସହ ସୁରକ୍ଷିତ ଭାବେ ସାପକୁ କିପରି ଉଦ୍ଧାର କରିହେବ ସେନେଇ ମୁଖ୍ୟ ଅତିଥି କହିଥିଲେ। ଗଞ୍ଜାମ ଜିଲାରେ ବହୁ ପ୍ରଜାତିର ସାପ ଦେଖାଯାଉଥିବା ବେଳେ ତାର ସୁରକ୍ଷା ଓ ଲୋକଙ୍କ ନିକଟରେ ପରିଚିତି କରାଇବା ପାଇଁ ବନ ବିଭାଗ ଓ ସାପ ଉଦ୍ଧାରକାରୀ ମିଳିତ ଭାବେ କାର୍ଯ୍ୟ କରିବାକୁ ରେଞ୍ଜର ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାମଣାର ବନପାଳ ରୂପକ ରଞ୍ଜନ ପାତ୍ର, ସ୍ନେକ୍ ହେଲ୍ପଲାଇନ ସଦସ୍ୟ ରାଜେଶ ପୃଷ୍ଟି, ସନ୍ଦୀପ ସେଠୀ, ସ୍ୱାଧୀନ ସାହୁ, ଶ୍ରୀକାନ୍ତ ନାହାକ, ତାରା ପ୍ରସାଦ ଦାଶ ଓ ମନୋରଞ୍ଜନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ସତରଙ୍ଗି ମେଳା

ବ୍ରହ୍ମପୁର ଅଫିସ,୧୭।୭

ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ପକ୍ଷରୁ ରବିବାର ସୋମନାଥ ନଗର ସ୍ଥିତ ଶ୍ୟାମ ବାବା ମନ୍ଦିର ପରିସରରେ ସତରଙ୍ଗି ମେଳା ଅନୁଷ୍ଠିତ ହୋଇଯାଇଛି। ସୂଚନାଥାଉ କି, ପ୍ରତି ବର୍ଷ ଶ୍ରାବଣ ମାସରେ ସମିତି ପକ୍ଷରୁ ଏଭଳି ମେଳା ଅନୁଷ୍ଠିତ ହୋଇଥାଏ। ଏହି ଦିନରେ ମାରୱାଡି ମହିଳା ନୂଆ ପୋଷାକ ଓ ଗହଣା ପରିଧାନ କରିଥାନ୍ତି। ଏହି ମେଳାରେ ଖାଦ୍ୟ, କ୍ରୀଡା ଓ ପୋଷାକ ଷ୍ଟଲ ରହିଥାଏ। ଖାଦ୍ୟ ଷ୍ଟଲ୍‌ଗୁଡିକରେ ମହିଳାମାନେ ନିଜେ ପ୍ରସ୍ତୁତ କରିଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀର ସମ୍ଭାର ଦେଖିବାକୁ ମିଳିଥାଏ। ଅନୁଷ୍ଠିତ ମେଳାରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମହିଳା ସଶକ୍ତୀକରଣକୁ ଅଧିକ ପ୍ରାଧାନ୍ୟ ଦିଆଯିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ହେଉଥିବା ବିଭିନ୍ନ ସାମଗ୍ରୀ ବଜାରରେ କିଭଳି ଆଦୃତ ହୋଇପାରିବ ସେ ନେଇ ସମସ୍ତ ସହଯୋଗ କରାଯିବ ବୋଲି ମେୟର କହିଥିଲେ। ଏଥିସହ ଆଗାମୀ ଦିନରେ ବ୍ରହ୍ମପୁରରେ ହେବାକୁ ଥିବା ସିଲ୍କ ସିଟି ମହୋତ୍ସବରେ ସଂଘକୁ ଅନ୍ତର୍ଭୁକ୍ତ କରାଯିବ ବୋଲି ମେୟର ପ୍ରକାଶ କରିଥିଲେ। ସଂଘ ସଭାପତି ସୀମା ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁମନ ସରାଫ, ପ୍ରୋଜେକ୍ଟ ଚେୟାରମ୍ୟାନ ମମତା ଚୌଧୁରୀଙ୍କ ସମେତ ରୁବି ଖେମାଣୀ, ବିନା ବିଗାଡିୟା, ସୁଜାତା ସରାଫ ଓ ସମିତିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ମେଳାରେ ଉପସ୍ଥିତ ଅତିଥି ଓ ସମିତିର ସଦସ୍ୟ ବୃନ୍ଦ।

## ସଂକ୍ଷେପରେ

### ଡିଆଁଡେଇଁ ଗ୍ରାମରେ ବାତ୍ୟା ଆଶ୍ରୟସ୍ଥଳ ଲାଗି ଦାବି

**ଗଞ୍ଜାମ,୧୭।୭(ଡି.ଏନ.ଏ.):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ପଞ୍ଚାୟତର ଚିଲିକା କୂଳରେ ରହିଛି ଡିଆଁଡେଇଁ ଗ୍ରାମ। ଗ୍ରାମରେ ପ୍ରାୟ ୩ ହଜାର ଲୋକ ବସବାସ କରନ୍ତି। ଚିଲିକା କୂଳରେ ଗ୍ରାମଟି ରହିଥିବା ଯୋଗୁ ବର୍ଷା ଦିନେ ଗ୍ରାମବାସୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ଭୟ ରହିଛି। ବର୍ଷା ଦିନଗୁଡ଼ିକରେ ବନ୍ୟା, ବାତ୍ୟାର ପ୍ରାକ ସୂଚନା ପାଇଲେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥାନ୍ତି। ଯାହାକୁନେଇ ଗ୍ରାମର ଶିକ୍ଷାବିତ ମନୋରଞ୍ଜନ ନାହାକ ଟୁଇଟ୍ କରି ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗ୍ରାମରେ ଏକ ବହୁମୁଖୀ ବନ୍ୟା ଓ ବାତ୍ୟାସ୍ଥଳୀ ନିର୍ମାଣ କରିବା ନେଇ ଅନୁରୋଧ କରିଛନ୍ତି। ଏ ନେଇ ଗ୍ରାମବାସୀ ମାନଙ୍କ ତରଫରୁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ଫଳ ଶୂନ ରହିଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପରିଲକ୍ଷିତ ହୋଇଛି। ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ପାଣିପାଗ ବିଭାଗ ତରଫରୁ ପ୍ରାକ ସୂଚନା ପାଇ କଚା ଘରେ ବାସ କରୁଥିବା ପରିବାରମାନଙ୍କୁ ପଡ଼ୋଶୀ ଗ୍ରାମର ବାତ୍ୟା ଆଶ୍ରୟସ୍ଥଳକୁ ବୁହା ହେବାର ନଜିର ରହିଛି। ନିଜ ଘର, ଗ୍ରାମ, ସମ୍ପର୍କୀୟ ଓ ଗ୍ରାମବାସୀଙ୍କୁ ଛାଡି ପ୍ରକୃତିର ତାଣ୍ଡବ ସମୟରେ ଅନ୍ୟଗ୍ରାମକୁ ଯିବାକୁ ନାପସନ୍ଦ କରିଛନ୍ତି ଗ୍ରାମବାସୀ। ତେଣୁ ଗ୍ରାମବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଗ୍ରାମରେ ଏକ ବହୁମୁଖୀ ବାତ୍ୟାଆଶ୍ରୟସ୍ଥଳୀର ବ୍ୟବସ୍ଥା କରିବା ନେଇ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି।

### ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

**ପାତ୍ରପୁର,୧୭।୭(ଡି.ଏନ.ଏ.):** ପାତ୍ରପୁର ବ୍ଲକ ସୁରଙ୍ଗୀ ପଞ୍ଚାୟତ ତିତିଗାଁ ଗ୍ରାମର ଜଣେ ବିଧବା ପ୍ରମିଳା ସେଠୀ ରବିବାର ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ମଧ୍ୟାହ୍ନରେ ଗ୍ରାମର ଜଣେ ଚାଷୀଙ୍କ ଜମିରେ ତଳି ପକେଇବା ପାଇଁ ଶାଶୁ ସତ୍ୟ ସେଠୀଙ୍କ ସହ ପ୍ରମିଳା କାମ କରୁଥିବା ବେଳେ ବାର୍‌ହା ହାବୁଡ଼ାରେ ପଡିଥିଲେ। ଗୋଡ଼, ହାତ ଓ ଜଙ୍ଘକୁ ବାର୍‌ହା ରକ୍ତାକ୍ତ କରିଥିବା ବେଳେ ପ୍ରମିଳାଙ୍କ ଚିତ୍କାର ଶୁଣି ପାଖରେ ଥିବା ଚାଷୀମାନେ ଆସି ତାଙ୍କୁ ଉଦ୍ଧାର କରିବା ସହ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ବାଇକ୍ ଦୁର୍ଘଟଣାଗ୍ରସ୍ତ

**ବଲସକୁମ୍ପା,୧୭।୭:** ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ କଲାଡି ଗାଁ ନିକଟରେ ରବିବାର ଏକ ବାଇକ୍ (ନଂ ଓଡି ୨୭ ବି ୭୫୦୪) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଚକାପାଦ ବ୍ଲକ ଅନ୍ତର୍ଗତ ସୁବଲିଆ ଗାଁର ରଘୁନାଥ ବେହେରା ଫୁଲବାଣୀରୁ ଶ୍ୱଶୁର ଘର ଝଗଡ଼ାପଟାକୁ ଯାଉଥିବା ସମୟରେ କଲାଡ଼ି ଗାଁ ସ୍କୁଲ ନିକଟ ବୁଲାଣିରେ ବାଇକ୍ ଆଗ ଚକା ଏକ ପଥରରେ ବାଜିଯାଇଥିଲା। ଫଳରେ ବାଇକ୍‌ଟି ଦୁର୍ଘଟଣା ହୋଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ସ୍ଥାନୀୟ ଯୁବକମାନେ ଦମକଳ ବାହିନୀ ସହାୟତାରେ ଆସି ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

### ସମବାୟ ସମିତି ସଭାପତି ରଞ୍ଜିତ ବାରିକ ନିର୍ବାଚିତ

**ପୋଲସରା,୧୭।୭(ଡି.ଏନ.ଏ.):** ପୋଲସରା ବ୍ଲକ କୋଙ୍କରଡ଼ା ସେବା ସମବାୟ ସମିତି ସଭାପତି ଭାବେ ରଞ୍ଜିତ କୁମାର ବାରିକ ନିର୍ବାଚିତ ହୋଇଛନ୍ତି। କୋଙ୍କରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେବା ସମବାୟ ସମିତି ସଭାପତି ପଦବୀ ନିମନ୍ତେ ନିର୍ବାଚନ ଆୟୋଜିତ ହୋଇଥିଲା। ବୁଗୁଡ଼ା ବ୍ଲକ କୃଷି ବିଭାଗର ଅଧିକାରୀ ସତ୍ୟଜିତ ଶତପଥୀ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ। କୋଙ୍କରଡ଼ା ସେବା ସମବାୟ ସମିତିର ସମ୍ପାଦକ ଅଜିତ କୁମାର ଖଟୁଆ, ହାତୀଓଟ ସେବା ସମବାୟ ସମିତିର ସମ୍ପାଦକ ପ୍ରତାପ କୁମାର ଷଡ଼ଙ୍ଗୀ, ଗୁମାଗଡ଼ ସେବା ସମବାୟ ସମିତିର ସମ୍ପାଦକ ରଞ୍ଜନ କୁମାର ବିଷୋୟୀ ପ୍ରମୁଖ ନିର୍ବାଚନ ପକ୍ରିୟାକୁ ପରିଚାଳନା କରିଥିଲେ। ସେବା ସମବାୟ ସମିତି ସଭାପତି ପଦବୀ ନିମନ୍ତେ ରଞ୍ଜିତ ବାରିକ ଓ ପ୍ରଫୁଲ୍ଲ କୁମାର ସାହୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସଭାପତିଙ୍କ ପାର୍ଥିପତ୍ର ଦାଖଲ ସମୟରେ ପ୍ରସ୍ତାବକ ଭାବେ ଲିଙ୍ଗରାଜ ସାହୁ ଓ ସମର୍ଥକ ଶ୍ୟାମ ସୁନ୍ଦର ସାହୁ ଥିଲେ। ରଞ୍ଜିତ କୁମାର ବାରିକ ୧୦ଖଣ୍ଡ ଭୋଟ ପାଇଥିବା ସହ ବିଜୟୀ ହେଇଥିବା ନେଇ ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ। ବିପକ୍ଷରେ ପ୍ରାର୍ଥୀ ହୋଇଥିବା ପ୍ରଫୁଲ୍ଲ କୁମାର ସାହୁ ନିଜ ପ୍ରତିଦ୍ୱନ୍ଦୀ ରଞ୍ଜିତ ବାରିକ ଠାରୁ ଶୋଚନୀୟ ଭାବେ ପରାସ୍ତ ହେଇଥିଲେ। ସଭାପତି ନିର୍ବାଚନ ସମୟରେ ସମବାୟ ସଦସ୍ୟ ଦାଶରଥି ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ମନାସ ଖଟୁଆ, ପ୍ରମିଳା ସାହୁ, ମାଳତୀ ସାହୁ, କୈଳାସ ସାହୁ, କଳାବତୀ ସାହୁ, ମାଳତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀମୁଣ୍ଡା ନାଳ ଉଚ୍ଛୁଳି ବହୁ ଚାଷଜମି ଜଳମଗ୍ନ

## ବିପଦସଙ୍କେତ ତଳେ ଲୋହରାଖଣ୍ଡୀ, ବଡ଼ନଦୀ ଜଳସ୍ତର



**ଭଞ୍ଜନଗର,୧୭।୭(ଡି.ଏନ.ଏ)**

ଭଞ୍ଜନଗର ଅଞ୍ଚଳରେ ଗତ ଶନିବାର ରାତି ଏବଂ ରବିବାର ଲଗାଣ ବର୍ଷା ହୋଇଛି। ଏହା ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରବିବାର ବିଦ୍ୟୁତ୍ ସେବା ମଧ୍ୟ ପ୍ରଭାବିତ ହୋଇଛି। ହାତୀମୁଣ୍ଡା ନାଳ ପାଣି କେତକ ସ୍ଥାନରେ ବନ୍ଧ ଉଚ୍ଛୁଳି ପଡ଼ିବା ଯୋଗୁ ଗାମୁଣ୍ଡି, ଭାଲିଆଖାଇ, ଡ଼େଙ୍ଗାପଦର, କୁଶପଲ୍ଲୀ, ଶାଲୁଆପଲ୍ଲୀ, ବଡ଼ପଡ଼ା, କଇଣ୍ଡି, ବୁଦୁଲି, ହସଣାପଲ୍ଲୀ ଆଦି ୧୦ରୁ ଉର୍ଦ୍ଧ୍ୱ ଗ୍ରାମର ହଜାର ହଜାର ଚାଷଜମି ଜଳମଗ୍ନ ହୋଇଛି। ଧାନତଳି କ୍ଷତିଗ୍ରସ୍ତ ହୋଇଛି। କେତକ ସ୍ଥାନରେ ରୁଆ ଧାନ ତଳି ଭାସିଯାଇଛି। ବର୍ଷା ହେଲେ ବାରମ୍ବାର ଉକ୍ତ ଅଞ୍ଚଳରେ କୃତିମ ଘାଇ ସୃଷ୍ଟି ହେଉଛି। ଏହାର ସ୍ଥାୟୀ ମୁକାବିଲା ପାଇଁ ଜଳସମ୍ପଦ ବିଭାଗ ପଦକ୍ଷେପ ନେବାକୁ ଦାବି ହୋଇଛି। ଲଗାଣ ବର୍ଷା ଯୋଗୁ ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଥିବାରୁ ସହାୟତା ଯୋଗାଇ ଦେବାପାଇଁ ଆଇନଜୀବୀ ଅଶୋକ ଜେନା କୃଷି ବିଭାଗ ଅଧିକାରୀଙ୍କ ନିକଟରେ ରବିବାର ଦାବି କରିଛନ୍ତି। ଅନ୍ୟପକ୍ଷରେ ଭଞ୍ଜନଗର ସହରତଳି ଅଞ୍ଚଳ ୱାର୍ଡ଼ ନଂ ୧୫ର କେତକ ସ୍ଥାନରେ ଲୋକଙ୍କ ଘରେ ପାଣି ପଶିଯାଇଛି। ଏନ୍‌ଏସି ପକ୍ଷରୁ ଲୋକଙ୍କୁ ସହାୟତା ଯୋଗାଇ ଦେବାସହ ଥଇଥାନ ପାଇଁ ଦାବି ହୋଇଛି।

ରବିବାର ଅପରାହ୍ନ ସୁଦ୍ଧା ଡହ ଜଳଭଣ୍ଡାରରେ ୯୩ ପ୍ରତିଶତ ପାଣି ଥିବାବେଳେ ଭଞ୍ଜନଗର ଜଳଭଣ୍ଡାରରେ ୮୦, ସୋରଡ଼ା ଜଳଭଣ୍ଡାରରେ ୬୫ ଏବଂ ବାଘୁଆ ଜଳଭଣ୍ଡାରରେ ୫୭ ପ୍ରତିଶତ ପାଣି ଅଛି। ଭଞ୍ଜନଗରରେ ଶନିବାର ରାତି ଓ ରବିବାର ସକାଳ ସୁଦ୍ଧା ୯୭ ମିଲିମିଟର ବର୍ଷା ହୋଇଛି। ସେହିପରି ଡ଼ହରେ ୫୨, ବେଲଗୁଣ୍ଠାରେ ୮୮ ଏବଂ ସୋରିଷମୁଳିରେ ୯୩ ମିଲିମିଟର ବର୍ଷା ହୋଇଛି। ରାତିରେ ଲଗାଣ ବର୍ଷା ଯୋଗୁ ବଡ଼ନଦୀ ଏବଂ ଲୋହରାଖଣ୍ଡି ନଦୀରେ ଜଳସ୍ତର ରବିବାର ମଧ୍ୟାହ୍ନ ସୁଦ୍ଧା ବଢୁଥିଲା। ଏହାପରେ ଧିରେଧିରେ ଜଳସ୍ତର କମୁଛି। ଭଞ୍ଜନଗର ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ଗୋକୁଳ ଚନ୍ଦ୍ର ପାଢ଼ୀ କହିଛନ୍ତ, କନ୍ଧମାଳ ଜିଲାରେ ବର୍ଷା ଅଧିକ ହେବାଯୋଗୁ ସକାଳୁ ଲୋହରାଖଣ୍ଡି ଓ ବଡ଼ନଦୀରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଥିଲା। ସାମ୍ଭାବ୍ୟ ବନ୍ୟାକୁ ମୁକାବିଲା ପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି।

# ସଭାପତି ଲଡ୍ଡୁ କିଶୋର, ସମ୍ପାଦକ ରାମାରାଓ

## ଦାରିଙ୍ଗବାଡ଼ି ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ



କାର୍ଯ୍ୟକ୍ରମରେ ଉପସ୍ଥିତ ବଣିକ ସଂଘର ସଦସ୍ୟମାନେ।

**ଦାରିଙ୍ଗବାଡ଼ି,୧୭।୭(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି। ରବିବାର ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣସ୍ଥିତ ସଭାଗୃହ ଠାରେ ବଣିକ ସଂଘ ସଭାପତି ଅରୁଣ ସାହୁଙ୍କ ଅଧକ୍ଷତା ଆୟୋଜିତ ବୈଠକରେ ପ୍ରଥମେ ନୂତନ କର୍ମକର୍ତ୍ତା ଚୟନ ପାଇଁ ପ୍ରସ୍ତାବ ରଖାଯାଇଥିଲା। ପରେ ସଂଘର ଏକାଧିକ ସଦସ୍ୟଙ୍କ ପ୍ରସ୍ତାବକ୍ରମେ ଲଡ୍ଡୁ କିଶୋର ସାହୁଙ୍କୁ ସଭାପତି ଓ ରାମାରାଓ ପୃଷ୍ଟିଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ସେହିପରି ଉପସଭାପତି ଭାବେ ସନ୍ତୋଷ କୁମାର ସାହୁ, ଦିଲୀପ କୁମାର ସାହୁ, ଦୁର୍ଗା ପ୍ରସାଦ ସୁବୁଦ୍ଧି ଏବଂ କୋଷାଧ୍ୟକ୍ଷ ଭାବେ ଭଗବାନ ସାହୁଙ୍କୁ ଚୟନ କରାଯାଇଥିଲା। ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିବା ପରେ ସଂଘ ପକ୍ଷରୁ ସଙ୍ଗଠନକୁ ମଜଭୁତ କରିବା ଓ ବ୍ୟବସାୟୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦାରିଙ୍ଗବାଡ଼ିରେ ପର୍ଯ୍ୟଟନର ବିକାଶ ସହ ଅଞ୍ଚଳର ବିକାଶ ଦିଗରେ ପ୍ରଶାସନକୁ ବଣିକ ସଂଘ ସହଯୋଗ କରିଆସୁଛି। ଆଗକୁ ଆହୁରି କିଭଳି ପର୍ଯ୍ୟଟନର ବିକାଶ ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ନୂତନ କର୍ମକର୍ତ୍ତା ପଦକ୍ଷେପ ନେବାକୁ ସଂଘ ସଦସ୍ୟମାନେ ଆଲୋଚନା କରିଥିଲେ। ଏହି ଅବସରରେ ଗତ ୪ଟି ଯୋଜନା ଅର୍ଥାତ ୧୨ ବର୍ଷ ଧରି ସଂଘର ସଭାପତି ଭାବେ ଅରୁଣ ସାହୁ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନା କରିଥିବାରୁ ତାଙ୍କୁ ସଂଘ ପକ୍ଷରୁ ବିଶେଷ ସାଧୁବାଦ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ସୁଧୀର ସାହୁ, ବୁଲୁ ସାହୁ, ଅଜିତ କୁମାର ସାହୁ, ବିବୁ ସର୍କାର, ହରେନ ସାହୁ, ବିଜୟ ସାହୁ, ବିରଞ୍ଚି ନାରାୟଣ ସାହୁ, ଅଶୋକ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ଭଞ୍ଜନଗର ବ୍ଲକ ଗାଁମୁଣ୍ଡି ପଞ୍ଚାୟତ ବାଲିସାହିରେ ପାଣି ପଶିବାରୁ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିବାରୁ ଯାନବାହନ ଅଟକି ରହିଛି।

## ବାଲିସାହିରେ ପଶିଲା ବନ୍ୟା ପାଣି

**ଭଞ୍ଜନଗର,୧୭।୭(ଡି.ଏନ.ଏ.)**

ଭଞ୍ଜନଗର ବ୍ଲକ ଗାଁମୁଣ୍ଡି ପଞ୍ଚାୟତ ବାଲିସାହିରେ ରବିବାର ହାତୀମୁଣ୍ଡା ନାଳ ପାଣି ପଶିଯାଇଥିଲା। ଫଳରେ ୨୦ଟି ପରିବାର ପାଣି ଘେରରେ ଅଛନ୍ତି। ସୁରକ୍ଷା, ଥଇଥାନ ଏବଂ କ୍ଷତିପୂରଣ ଦାବି ନେଇ ବାଲିସାହିବାସୀ ସନ୍ଧ୍ୟାରେ ଦମକଳ କେନ୍ଦ୍ର ନିକଟ ଛକରେ ଭଞ୍ଜନଗର-ଆସିକା ମୁଖ୍ୟରାସ୍ତା ଅବରୋଧ କରିଥିଲେ।

ଫଳରେ କିଛି ସମୟ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଉପଜିଲାପାଳ ଜ୍ୟୋତି ରଞ୍ଜନ ରାୟ, ଥାନା ଅଧିକାରୀ ଧୀରେଶ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ରାତିରେ ବାଲିସାହିବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ବ୍ୟବସ୍ଥା କରାଯାଇଛି।

# ରଷିକୁଲ୍ୟା ସୂପକାର ସଂଘ ବୈଠକ



ନବନିର୍ବାଚିତ କର୍ମକର୍ତ୍ତା ଓ ସଦସ୍ୟମାନେ।

**ସୋରଡା,୧୭।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ସୋରଡା ଋଷିକୁଲ୍ୟା ସୂପକାର ସଂଘ ବୈଠକ ପୁଡୁଗେଶ୍ୱର ଶୈବପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସଦସ୍ୟମାନେ ଆଲୋଚନା କରିଥିଲେ। ସଂଘ ପୂର୍ବତନ ସଭାପତି ଟୁନା ସୁଆର ଓ ସଦସ୍ୟ ପ୍ରଫୁଲ୍ଲ ସାହୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ସଂଘ କର୍ମକର୍ତ୍ତା ଚୟନ ହୋଇଥିଲା। ସଦସ୍ୟ ରବୀନ୍ଦ୍ର ସାହୁଙ୍କ ପ୍ରସ୍ତାବ କ୍ରମେ ବିଶ୍ୱନାଥ ସାହୁଙ୍କୁ ସଭାପତି, ଶିଶିର କୁମାର ଦାଶଙ୍କ ପ୍ରସ୍ତାବରେ ଅଶ୍ୱିନୀ କୁମାର ପାଢୀଙ୍କୁ ଉପସଭାପତି କରାଯାଇଛି। ସେହିପରି ଶିଶିର କୁମାର ଦାଶ ସମ୍ପାଦକ, ଶଶାଙ୍କ ଭୂଷଣ ଦାଶ ସହସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ଓମ୍ ଶ୍ରୀ ପଣ୍ଡାଙ୍କୁ ନିର୍ବାଚିତ କରାଗଲା। ଏଥିରେ ସଦସ୍ୟ ଭାବେ ଦିଲ୍ଲୀପ ପାଣିଗ୍ରାହୀ, ସୂର୍ଯ୍ୟ ମହାନ୍ତି, ବିଶ୍ୱରଞ୍ଜନ ଦାଶ, ମୁନା ପଣ୍ଡା ଓ ପରମେଶ୍ୱର ସାହୁଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା ଭାବେ ରବୀନ୍ଦ୍ର ସାହୁ, ଦେବେନ୍ଦ୍ର ପଣ୍ଡା, ବୁଲୁ ବିଶ୍ୱେସରା, ସୁଶାନ୍ତ ପଣ୍ଡା ଓ ରାଜେନ୍ଦ୍ର ଦାଶ ମନୋନୀତ ହୋଇଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଧରାକୋଟ,୧୭।୭(ଡି.ଏନ.ଏ)**

ଧରାକୋଟ ମିନି ଷ୍ଟାଡିୟମ ପରିସରରେ ରବିବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ତହସିଲଦାର କବିରାଜ ପ୍ରଧାନ, ଅତିରିକ୍ତ ବିଡ଼ିଓ ସୁଶୀଲ କୁମାର ପଟ୍ଟନାୟକ, ସିଡିପିଓ ଡାଳିମ୍ବ ନାଇକ, ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ସମାଜରେ ଥିବା ଦିବ୍ୟାଙ୍ଗ, ମାନସିକ ଅନଗ୍ରସର ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏହି ଶିବିର ହୋଇଥିଲା ସାମାଜିକ ସୁରକ୍ଷା ଅଧିକାରୀ ସଚିନ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ମୋଟ ୪୧୩ ଜଣ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୫୦ ଜଣଙ୍କୁ ଚିହ୍ନଟ କରାଯାଇ ଟ୍ରାଇ ସାଇକେଲ, ୭ଜଣଙ୍କୁ ହୁଇଲ ଚେୟାର, ୧୫ ଜଣଙ୍କୁ ଆଶାବାଡି,୨ଜଣ ଦୃଷ୍ଟିବାଧିତଙ୍କୁ ଆଶାବାଡି ଏବଂ ୬୮ ଜଣଙ୍କୁ ବିକଳାଙ୍ଗ ଭତ୍ତା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଚିହ୍ନଟ ଅନ୍ୟମାନଙ୍କୁ ସହାୟକ ଉପକରଣ ଯୋଗାଇ ଦିଆଯିବ। ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ଧିରେନ୍ଦ୍ର ଗୌଡ ଓ ବାବୁ ବେହେରା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଧରାକୋଟ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର ଓ ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟ ଓ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

# ବିପଦସଙ୍କେତ ଟପିଲା ବଂଶଧାରା ଜଳସ୍ତର

**କାଶୀନଗର,୧୭।୭**

ସମ୍ପ୍ରତି ଲଗାଣ ଲଘୁଚାପଜନିତ ବର୍ଷା ଫଳରେ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ କାଶୀନଗର ଦୁଃଖ ବଂଶଧାରା ନଦୀ ଜଳ ବିପଦ ସଙ୍କେତ ଉପରେ ରହିଛି। ବଂଶଧାରା ନଦୀର ୫୪.୧୦ ସତର୍କ ସୂଚନା, ବିପଦ ସୂଚନା ୫୪.୬୦। ବର୍ତ୍ତମାନ ବିପଦ ସଙ୍କେତ ଉପରେ ଜଳ ୫୪.୭୪ ରହିଥିବା କେନ୍ଦ୍ର ଜଳ ଆୟୋଗ ଅଧିକାରୀଙ୍କଠାରୁ ପ୍ରକାଶ। ବନ୍ୟା ଆଶଙ୍କା ଥିବା ଜାଣି ସ୍ଥାନୀୟ ତହସିଲଦାର ଲରିମନ ଖର୍ସେଲ ଓ ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା ନଦୀତଟ ଗ୍ରାମ ସାରା, ଖାଣ୍ଡବା, ବାଡ଼ିଗାଁ, ବୁଢୁରା ପରିଦର୍ଶନ କରି ସତର୍କତା ସୂଚନା ଦେଇ ଫେରିଛନ୍ତି।



ବଂଶଧାରା ନଦୀ।

# ବର୍ଜ୍ୟବସ୍ତୁ ପରିଚାଳନାରେ ଫେଲ୍ ମାରିଛି ପ୍ରଶାସନ

**ପାରଳାଖେମୁଣ୍ଡି,୧୭।୭(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ପୌର ପ୍ରଶାସନ ବର୍ଜ୍ୟବସ୍ତୁ ପରିଚାଳନାରେ ଫେଲ ମାରିଛି। ସହରବାସୀଙ୍କୁ ସ୍ୱଚ୍ଛତା ତଥା ପରିମଳ ସମ୍ପର୍କରେ ବାରମ୍ବାର ସଚେତନତା କରୁଥିବା ପୌରପରିଷଦ ପ୍ରକୃତପକ୍ଷେ ଫଟୋଚିତ୍ରକୁ ଦେଖିଲେ କେତେ ଯେ ସଚେତନ ଜଣାପଡୁଛି। ପାରଳା ସହରର ଗ୍ରୀଡ୍ ରାସ୍ତାରେ ଥିବା ଡମ୍ପିଂୟାର୍ଡରେ ସହରର ସମସ୍ତ ୱାର୍ଡ ତଥା ସାହି,ଗଳି, ବସ୍ତି ଅଞ୍ଚଳର ଆବର୍ଜନା ତଥା ବର୍ଜ୍ୟବସ୍ତୁକୁ ପକାଯାଇଥାଏ। ଏଠାରେ ପର୍ଯ୍ୟାପ୍ତ ସ୍ଥାନ ନ ଥିବାରୁ ଗତ ପ୍ରାୟ ଦୁଇବର୍ଷ ପୂର୍ବେ ରାମସାଗର ରୋଡର ଏକ ଗଳିରେ ବର୍ଜ୍ୟବସ୍ତୁ ତଥା ଅଳିଆ ଆବର୍ଜନାକୁ ନଷ୍ଟ କରିବା ପାଇଁ ବିଭିନ୍ନ ସରଞ୍ଜାମ ଥିବା ଏକ ଆଧୁନିକ ଡମ୍ପିଂୟାଡର ନିର୍ମାଣ କରାଯାଇଛି। ହେଲେ ସେହି ଡମ୍ପିଂୟାର୍ଡ କେତେ ଦୂର କାମ କରୁଛି ବା କେବେ କାମ କରିବ କାହାରି ପାଖରେ ଉତ୍ତର ନ ଥିବା ବେଳେ ପୁରୁଣା ଡମ୍ପିଂୟାର୍ଡରେ ହିଁ ବର୍ତ୍ତମାନ କାମ ଚଳାଯାଉଛି। ସହରର ସମସ୍ତ ଅଳିଆ ଆବର୍ଜନାକୁ ପୁରୁଣା ଡମ୍ପିଂୟାର୍ଡରେ ଗଚ୍ଛିତ କରାଯାଉଛି। ହେଲେ ଏହା ଏତେ ପରିମାଣରେ ବଢିଯାଇଛି ଯେ, ଦୂରରୁ ଦେଖିଲେ ଏକ ଛୋଟ ପାହାଡ ଭଳି ଦଣ୍ଡାୟମାନ ଥିବା ଭଳି ଭ୍ରମ ସୃଷ୍ଟି ହେଉଛି। ବର୍ତ୍ତମାନ ବର୍ଷା ଋତୁର ଆଗମନ ହୋଇସାରିଥିବାରୁ ସମୟେ ସମୟେ ବର୍ଷା ଓ ପବନ ବହୁଛି। ଫଳରେ ପାହାଡ ସଦୃଶ ଥିବା ଅଳିଆବର୍ଜନା ଆସ୍ତେ ଆସ୍ତେ ଖସି ରାସ୍ତାରେ ବିକ୍ଷିପ୍ତ ଅବସ୍ଥାରେ ପଡି ସମଗ୍ର ଅଞ୍ଚଳକୁ ଦୂଷିତ କରୁଛି। ଏହା ସହ ସମଗ୍ର ଅଞ୍ଚଳର ରାସ୍ତାକୁ କବଳିତ କରି ରଖିଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରିବାରେ ଅଞ୍ଚଳବାସୀଙ୍କ ପକ୍ଷେ ବହୁ କଷ୍ଟକର ହୋଇପଡୁଛି। ଏହି ଡମ୍ପିଂୟାର୍ଡ ନିକଟରେ ସୁବାସ ନଗରର କିଛି ସାହିବସ୍ତି ସହ ଅନ୍ୟାନ୍ୟ ନୂତନ ଭାବେ ଗଢି ଉଠିଥିବା ସାହି ବସ୍ତିର ଲୋକେ ପୂତିଗନ୍ଧମୟ ପରିବେଶରେ କାଳାତିପାତ କରୁଥିବା ପ୍ରକାଶ କରିଛନ୍ତି। ଏହି ଗ୍ରୀଡ୍ ରାସ୍ତାଟି ଏକମାତ୍ର ରାସ୍ତା ହୋଇଥିବା ବେଳେ ଅନ୍ୟପଟେ କୌଣସି ରାସ୍ତା ନ ଥିବାରୁ ନାକକାନ ଘୋଡାଇ ଲୋକେ ଯାତାୟାତ କରିବାକୁ ବାଧ ହେଉଛନ୍ତି। ଏ ନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେଲେ ମଧ୍ୟ ପୌର ପ୍ରଶାସନ କର୍ଣ୍ଣପାତ କରୁନଥିବା ମଧ୍ୟ ଅଭିଯୋଗ ହୋଇଛି। ସେତେବେଳେ ଏହି ଡମ୍ପିଂୟାର୍ଡ ସହର ବାହାରେ ଥିବା ବେଳେ ବର୍ତ୍ତମାନ ନୂତନ ନଗର, ସାହି, ବସ୍ତି ଗଢି ଉଠିଥିବାରୁ ଏବେ ଏହା ଜନବସତି ମଧ୍ୟଭାଗରେ ରହିଯାଇଛି। ତେଣୁ ଉକ୍ତ ଡମ୍ପିଂୟାର୍ଡକୁ ସ୍ଥାନାନ୍ତର କରିବାପାଇଁ ଦାବି ହୋଇଥିବା ବେଳେ ନୂତନ ତଥା ଆଧୁନିକୀକରଣ ଡମ୍ପିଂୟାର୍ଡକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି। ଅପରପକ୍ଷରେ ବିକ୍ଷିପ୍ତ ହୋଇ ପଡିଥିବା ଅଳିଆ ଆବର୍ଜନାକୁ ବୁଲାକୁକୁର, ଗୋରୁ, ଘୁଷୁରି ଆଦି ଭଳି ପ୍ରାଣୀ ଖାଇ ମୃତ୍ୟୁମୁଖରେ ପଡୁଥିବାର ମଧ୍ୟ ସେ ପ୍ରକାଶ କରିଛନ୍ତି।



ଡମ୍ପିଂୟାର୍ଡରେ ଆବର୍ଜନା ଭର୍ତ୍ତି ହୋଇରହିଛି।

